1961
ଅଗଷ୍ଟ 9

ଶ୍ରୀମତୀ ସୁଭଦ୍ରା

ବନାମ

ନରସାଜୀ ଛେନାଜୀ ମାରୱାଡ଼ି

(କେ. ଏନ୍. ୱାଞ୍ଚୁ, କେ. ସି. ଦାସ ଗୁପ୍ତା ଏବଂ ଜେ. ସି. ଶାହା, ନ୍ୟାୟାଧୀଶବୃନ୍ଦ)

*ମାନକ ଭଡ଼ା - କୃଷି ଉଦ୍ଦେଶ୍ୟରେ ମୂଲ୍ୟାଙ୍କନ କରାଯାଇଥିବା ଜମି- ଯଦି 'ପରିସର' - ବମ୍ବେ ଭଡ଼ା, ହୋଟେଲ ଏବଂ ଆବାସଗୃହଗୁଡିକର ଦର ନିୟନ୍ତ୍ରଣ ଅଧିନିୟମ 1947 (1947 ର 57), ଧାରା 5 (8), 6,11 ।*

ଏକ ନିର୍ଦ୍ଦିଷ୍ଟ ଜମିର ମାଲିକ କିଛି ବ୍ୟକ୍ତିଙ୍କୁ ବାର୍ଷିକ ଭଡ଼ା ଉପରେ ଏହାର ଚିରସ୍ଥାୟୀ ଚୁକ୍ତି ପ୍ରଦାନ କରିଥିଲେ, ଯେଉଁମାନେ ଏହାକୁ ଉତ୍ତରଦାତାଙ୍କୁ ଅଧିକ ଦେୟ ଉପରେ ଭଡା ନେଇ ଭଡା ଦେଇଥିଲେ । ଉତ୍ତରଦାତା ଆବେଦନକାରୀଙ୍କୁ ଆହୁରି ଅଧିକ ଭଡ଼ା ଉପରେ  ଜମି ପ୍ରଦାନ କରିଥିଲେ । ତିନୋଟି ଚୁକ୍ତି ଦସ୍ତାବିଜରେ ଉଲ୍ଲେଖ ଥିଲା ଯେ  ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇବା ପରେ ପଟ୍ଟାଧାରୀ ଜମିରେ କୋଠା ନିର୍ମାଣ କରିପାରିବେ, କିନ୍ତୁ ବମ୍ବେ ଭୂ-ରାଜସ୍ୱ ସଂହିତା 1879 ଅନୁଯାୟୀ ତିନୋଟି ଚୁକ୍ତି ତାରିଖଗୁଡ଼ିକରେ କୃଷି ଉଦ୍ଦେଶ୍ୟରେ ଜମିର ଆକଳନ କରାଯାଇଥିଲା । ଆବେଦନକାରୀ ଜମିର ବ୍ୟବହାରକାରୀଙ୍କୁ ଅଣ-କୃଷି ଉଦ୍ଦେଶ୍ୟରେ ରୂପାନ୍ତରିତ କରିବା ପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଥିଲେ । ଏହା ପରେ ଆବେଦନକାରୀ ବମ୍ବେ ଭଡ଼ା, ହୋଟେଲ ଏବଂ ଆବାସଗୃହ ଦର ନିୟନ୍ତ୍ରଣ ଅଧିନିୟମ 1947 ର ଧାରା 11 ଅନୁଯାୟୀ ଜମିର ମାନକ ଭଡ଼ା ସ୍ଥିର କରିବା ପାଇଁ ନ୍ୟାୟାଳୟରେ ଆବେଦନ କରିଥିଲେ । ଉତ୍ତରାଦାତା ଯୁକ୍ତି ଦର୍ଶାଇଥିଲେ ଯେ ଯେତେବେଳେ ଜମିଟି କୃଷି ସମ୍ବନ୍ଧୀୟ ହୋଇଥିବାରୁ ଭଡାରେ ଦିଆଯାଇଥିଲା, ସେତେବେଳେ ଆଇନର ବ୍ୟବସ୍ଥାଗୁଡ଼ିକ ସେଥିରେ ପ୍ରଯୁଜ୍ୟ ହୋଇନଥିଲା । ନିଷ୍ପତ୍ତି ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା ତାହା ଥିଲା ଜମିର ଭାଗ ଅଧିନିୟମ 5 (8) ର ଅର୍ଥ ମଧ୍ୟରେ 'ପରିସର' ଥିଲା କି ।

*ନିର୍ଣ୍ଣୟ ନିଆଗଲା ଯେ* ଭୂଖଣ୍ଡ 'ପରିସର' ରେ  କି ଏହା ନିର୍ଦ୍ଧାରଣ କରିବା ପାଇଁ ବାସ୍ତବ ତାରିଖ ହେଉଛି ଭଡ଼ା ଦେବାର ତାରିଖ ଏବଂ ମାନକ ଭଡ଼ା ସ୍ଥିର କରିବା ପାଇଁ ଆବେଦନ କରିବାର ତାରିଖ ନୁହେଁ । ବର୍ତ୍ତମାନର ମାମଲାରେ ବିବାଦରେ ଥିବା ଭୂଖଣ୍ଡକୁ ବମ୍ବେ ଅଧିନିୟମର ଧାରା 5 (8) ଅନୁଯାୟୀ 'ପରିସର' ଭାବରେ ବିବେଚନା କରାଯାଇପାରିବ ନାହିଁ ଏବଂ ମାନକ ଭଡ଼ା ସ୍ଥିର କରିବା ପାଇଁ ଆବେଦନ ବଜାୟ ରଖାଯାଇ ପାରିବନାହିଁ ।

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 356/58 ।

1953 ର ଦେୱାନୀ ପୁନରୀକ୍ଷଣ ଆବେଦନ ନମ୍ବର 813ରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଜାନୁଆରୀ 21,1955 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପାଇଁ *ଏସ୍. ଟି. ଦେଶାଇ, ଏସ୍. ଏନ୍. ଆଣ୍ଡଲେ ଏବଂ ଏଲ୍. ରାମେଶ୍ୱର ନାଥ ।*

ଉତ୍ତରଦାତାଙ୍କ ପାଇଁ *ଆଇ. ଏନ୍. ଶ୍ରଫ୍* ।

1961 ମସିହା ଅଗଷ୍ଟ 9 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଶାହା – ଜମି ସଂଖ୍ୟା 68 ନଗର ଯୋଜନା ପରିକଳ୍ପନା ସଂଖ୍ୟା 1 ଜମାଲପୁର, ଅହମ୍ମଦାବାଦ, ସର୍ବେକ୍ଷଣ ସଂଖ୍ୟା 405 ମୌଜେ ରାଜପୁର-ହିରପୁରର ଅଂଶ ପ୍ରାୟ 38 ଗୁଣ୍ଠ ପରିମିତ ବାଇ ଜେକୋର ଏବଂ ତାଙ୍କ ଦୁଇ ଭଉଣୀଙ୍କ ମାଲିକାନାରେ ଥିଲା । ଅକ୍ଟୋବର 15, 1934ର ଏକ ଚୁକ୍ତିନାମା ଦ୍ୱାରା, ଏହି ଜମିର ମାଲିକମାନଙ୍କ ଦ୍ୱାରା ଗଜ୍ଜର ରମନଲାଲ ଗୋର୍ଧନଦାସ ଏବଂ ତାଙ୍କ ଭାଇଙ୍କୁ ବାର୍ଷିକ 558 ଟଙ୍କା ଭଡ଼ାରେ ଚିରସ୍ଥାୟୀ ଭାବରେ ଭଡାରେ ପ୍ରଦାନ କରିଥିଲେ । ପଟ୍ଟାଧାରୀ- ଗଜ୍ଜର - 7 ଫେବୃଆରୀ, 1946 ରେ ଏକ ଚୁକ୍ତି ଦ୍ୱାରା ନରସାଜୀ ଚେନାଜୀ ମାରୱାଡ଼ିଙ୍କୁ ଚିରସ୍ଥାୟୀତ୍ୱ ଭାବରେ ଭୂଖଣ୍ଡର ଭଡା ଦେଇଥିଲେ - ଏହାପରଠାରୁ ଉତ୍ତରଦାତା ଭାବରେ ଉଲ୍ଲେଖ କରାଯାଇଛି - ବାର୍ଷିକ 1,425 ଟଙ୍କା ଭଡ଼ାରେ । ଉତ୍ତରଦାତା ଏକ ଦଲିଲ ଦ୍ୱାରା 25 ଏପ୍ରିଲ, 1947 ରେ ଭୂଖଣ୍ଡକୁ ସୁଭଦ୍ରାଙ୍କୁ ଭଡା ଦେଇଥିଲେ - ଏହାପରଠାରୁ ଆବେଦନକାରୀ ଭାବରେ ଉଲ୍ଲେଖ କରାଯାଇଛି - ବାର୍ଷିକ 2,225 ଟଙ୍କା ଭଡ଼ା ଦେଇଥିଲେ । ଏହି ତିନୋଟି ଦଲିଲରେ କୁହାଯାଇଛି ଯେ ପଟ୍ଟାଧାରୀମାନେ ଜମିରେ କୋଠା ନିର୍ମାଣ କରିପାରିବେ ଏବଂ ସେହି ଉଦ୍ଦେଶ୍ୟରେ ମଞ୍ଜୁରୀ ପାଇବା ପାଇଁ ପଟ୍ଟାଧାରୀମାନେ ଜିଲ୍ଲାପାଳ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ସେହି ଉଦ୍ଦେଶ୍ୟରେ ଆବେଦନ କରିବେ । ତିନୋଟି ଭଡା ତାରିଖର ଭୂଖଣ୍ଡ କୃଷି ଉଦ୍ଦେଶ୍ୟରେ ଆକଳନ କରାଯାଇଥିଲା । 1879 ର ବମ୍ବେ ଭୂ- ରାଜସ୍ୱ ସଂହିତା V ଅନୁଯାୟୀ, କୃଷି ଉଦ୍ଦେଶ୍ୟରେ ଆକଳନ କରାଯାଇଥିବା ଜମିକୁ ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ଯଦି ସେହି ସକାଶେ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମତି ଦିଆଯାଏ । ଆବେଦନକାରୀ ଜମିର ବ୍ୟବହାରକାରୀଙ୍କୁ ଅଣ-କୃଷି ଉଦ୍ଦେଶ୍ୟରେ ରୂପାନ୍ତରିତ କରିବା ପାଇଁ ଅନୁମତି ପାଇଁ ଆବେଦନ କରିଥିଲେ, ଏବଂ ଅହମ୍ମଦାବାଦର ଜିଲ୍ଲାପାଳ 1949 ନଭେମ୍ବର 11 ତାରିଖର ଆଦେଶ ଦ୍ୱାରା ବ୍ୟବହାରକାରୀଙ୍କ ରୂପାନ୍ତରକୁ ମଞ୍ଜୁର କରିଥିଲେ । ଏହା

ପରେ, ଆବେଦନକାରୀ ଅକ୍ଟୋବର 27,1950 ରେ ଆବେଦନ କରି 1947 ର -ଏହାପରଠାରୁ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି ବମ୍ବେ ଭଡ଼ା, ହୋଟେଲ ଏବଂ ଆବାସଗୃହ ଦର, ନିୟନ୍ତ୍ରଣ ଅଧିନିୟମ 57 ର ଧାରା 11 ଅନୁଯାୟୀ ଭୂଖଣ୍ଡର ମାନକ ଭଡ଼ା ସ୍ଥିର କରିବା ପାଇଁ ଅହମ୍ମଦାବାଦର ଲଘୁବିବାଦ ନ୍ୟାୟାଳୟରେ ଆବେଦନ କରିଥିଲେ I ଉତ୍ତରଦାତା ଯୁକ୍ତି ବାଢ଼ିଥିଲେ ଯେ ଜମିଟି କୃଷି କାରଣରୁ ଭଡାରେ ଦିଆଯାଇଥିଲା, ବମ୍ବେ ଆଇନର ବ୍ୟବସ୍ଥା ସେଥିରେ ପ୍ରଯୁଜ୍ୟ ହୋଇନଥିଲା ଏବଂ ଆବେଦନଟି ରକ୍ଷଣାବେକ୍ଷଣ ଯୋଗ୍ୟ ହୋଇନଥିଲା I ଲଘୁବିବାଦ ନ୍ୟାୟାଳୟ ଉତ୍ତରଦାତା ପକ୍ଷର ଯୁକ୍ତିକୁ ସମର୍ଥନ କରିଥିଲେ ଏବଂ ଆବେଦନକୁ ଖାରଜ କରିଥିଲେ I ଏହି ଆଦେଶ ଅହମ୍ମଦାବାଦର ଜିଲ୍ଲା ଅଦାଲତରେ ହୋଇଥିବା ଆବେଦନରେ ଏବଂ ବମ୍ବେର ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଏକ ପୁନରୀକ୍ଷଣ ଆବେଦନରେ ସୁନିଶ୍ଚିତ କରାଯାଇଥିଲା I ଆବେଦନକାରୀ ବିଶେଷ ଅନୁମତି ନେଇ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ଏହି ନ୍ୟାୟାଳୟରେ ଆବେଦନ କରିଛନ୍ତି I

ଏହା ସ୍ପଷ୍ଟ ଯେ, 1949 ମସିହା ନଭେମ୍ବର 11 ପର୍ଯ୍ୟନ୍ତ ବମ୍ବେ ଭୂ-ରାଜସ୍ୱ ସଂହିତା ଅନୁଯାୟୀ କୃଷି ଉଦ୍ଦେଶ୍ୟରେ ଏହି ଜମିର ଆକଳନ କରାଯାଇଥିଲା I 1947 ମସିହାରେ ଏହି ଜମିଟି ନିଃସନ୍ଦେହରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା, କିନ୍ତୁ ଏହି କାରଣରୁ ଜମିର ବ୍ୟବହାରିକ ପରିବର୍ତ୍ତିତ କରାଯିବ ବୋଲି ବିବେଚନା କରାଯାଇପାରିବ ନାହିଁ I ଜମିର ଉପଭୋକ୍ତା କେବଳ ବମ୍ବେ ଭୂ-ରାଜସ୍ୱ ସଂହିତା ଧାରା 65 ଅନୁଯାୟୀ ମଞ୍ଜୁର ହୋଇଥିବା ଜିଲ୍ଲାପାଳଙ୍କ ଆଦେଶ ଦ୍ୱାରା ଜମିର ଉପଯୋଗିତାକୁ ରୂପାନ୍ତରଣ କରାଯାଇପାରିବ I 1947ର ବମ୍ବେ ଅଧିନିୟମ 57ର ଧାରା 11 ଅନୁଯାୟୀ, କ୍ଷମତାପ୍ରାପ୍ତ ଅଦାଲତକୁ ଏହି ଉଦ୍ଦେଶ୍ୟରେ ଦିଆଯାଇଥିବା ଆବେଦନ ଉପରେ ଯେକୌଣସି ପରିସରର ମାନକ ଭଡା ସ୍ଥିର କରିବାକୁ ସକ୍ଷମ କରେ I କିନ୍ତୁ ଧାରା 11 ଅଧିନିୟମର ଭାଗ II ରେ ଅଛି ଏବଂ ଧାରା 6ରେ ଖଣ୍ଡ(1) ଅନୁଯାୟୀ, ଅଧିସୂଚନା I, ଭାଗ IIରେ ନିର୍ଦ୍ଦିଷ୍ଟ ହୋଇଥିବା ଅଞ୍ଚଳରେ ବାସସ୍ଥାନ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ କିମ୍ବା ସଂରକ୍ଷଣ ପାଇଁ ଭଡ଼ାରେ ଦିଆଯାଇଥିବା ପରିସର ପାଇଁ ଭାଗ II ଲାଗୁ ହେବ I ଭାଗ II ସେହି କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥିବା ବିଷୟ ଉପରେ କୌଣସି ବିବାଦ ନାହିଁ; କିନ୍ତୁ ଆବେଦନକାରୀ ଧାରା 11 ଅନୁଯାୟୀ ମାନକ ଭଡା ସ୍ଥିର କରିବା ପାଇଁ ଏକ ଆବେଦନକୁ ବଜାୟ ରଖିବା ପୂର୍ବରୁ, ତାଙ୍କୁ ଏହା ପ୍ରମାଣ କରିବାକୁ ପଡିଥିଲା ଯେ ଭଡାରେ ଦିଆଯାଇଥିବା ଭୂ-ଖଣ୍ଡ, ଅଧିନିୟମର ଧାରା 5 (8) ର ଅର୍ଥ ମଧ୍ୟରେ "ପରିସର" ଥିଲା ଏବଂ ଏହା ବାସସ୍ଥାନ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ ଏବଂ ସଂରକ୍ଷଣ ପାଇଁ ଦିଆଯାଇଥିଲା I ଏହି ଆବେଦନର ଉଦ୍ଦେଶ୍ୟ ପାଇଁ, ଭୂ-ଖଣ୍ଡଟି ଆବାସ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ କିମ୍ବା ସଂରକ୍ଷଣ ପାଇଁ ଭଡ଼ା

1961
ଶ୍ରୀମତୀ ସୁଭଦ୍ରା
ବନାମ.
ନରସାଜୀ ଛେନାଜୀ
ମାରୱାଡ଼ି
ନ୍ୟାୟାଧୀଶ ଶାହା

ଦିଆଯାଇଥିଲା କି ନାହିଁ ତାହା ବିଚାର କରିବା ଅନାବଶ୍ୟକ I "ପରିସର" ଶବ୍ଦଟି ଧାରା 5 (8) ଦ୍ୱାରା ବ୍ୟାଖ୍ୟା କରାଯାଇଛି ଏବଂ ସଂଜ୍ଞାର ବାସ୍ତବିକ ପ୍ରସଙ୍ଗ ହେଉଛି ; "ଏହି ଅଧିନିୟମରେ, ଯେ ପର୍ଯ୍ୟନ୍ତ ବିଷୟବସ୍ତୁ କିମ୍ବା ପ୍ରସଙ୍ଗର କୌଣସି ବିଷୟ ପ୍ରତି ବିରୋଧାଭାସ ନଥାଏ"

x x x x

(8) "ପରିସର"ର ଅର୍ଥ -

(a) କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉନଥିବା ଯେକୌଣସି ଜମି,

(b) ଯେକୌଣସି କୋଠା କିମ୍ବା କୋଠାର କିଛି ଅଂଶ ପୃଥକ ଭାବରେ ଭଡା ଦିଆଯାଇଥାଏ (କୃଷି କୋଠା ବ୍ୟତୀତ) ଯେଉଁଥିରେ ଅନ୍ତର୍ଭୁକ୍ତ –

(i) ଏପରି କୋଠା କିମ୍ବା କୋଠାର ଅଂଶ ସହିତ ଜଡିତ ଉଦ୍ୟାନ, ପଡ଼ିଆ, ଗ୍ୟାରେଜ ଏବଂ ବାହାର ଘର ଯଦି କିଛି ଥାଏ

(ii) ଏପରି କୋଠା କିମ୍ବା କୋଠାର ଏକ ଅଂଶରେ ବ୍ୟବହାର ପାଇଁ ଘରମାଲିକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଯେକୌଣସି ଅସ୍ଥାବର ସାମଗ୍ରୀ,

(iii) ଏହିପରି କୋଠା କିମ୍ବା କୋଠାର କିଛି ଅଂଶରେ ଲଗାଯାଇଥିବା ଯେକୌଣସି ଉପାଦାନ ଯାହା ଦ୍ୱାରା ଏହାର ଉପଭୋଗ ଅଧିକ ଲାଭଦାୟକ ହୋଇଥାଏ I

X X X X

ଧାରା 6 (1) ସହ 5 ଉପଖଣ୍ଡ (8) ରେ ଏହା ସ୍ପଷ୍ଟ ହୋଇଛି ଯେ ଏହି ଅଧିନିୟମର ଭାଗ II ଅନୁସୂଚୀ II ରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସସ୍ଥାନ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ କିମ୍ବା ସଂରକ୍ଷଣ ପାଇଁ (କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉନଥିବା) ଜମି ଉପରେ ଲାଗୁ ହୋଇପାରିବ I ଧାରା 6ରେ ଉଦ୍ଦେଶ୍ୟରେ ଭୂ-ଖଣ୍ଡ "ପରିସର" ଅଟେ କି ନାହିଁ ତାହା ଜାଣିବା ପାଇଁ ବାସ୍ତବିକ ତାରିଖ ହେଉଛି ଭଡା ଦେବାର ତାରିଖ ଏବଂ ଯେଉଁ ତାରିଖରେ ଭଡ଼ାଟିଆ କିମ୍ବା ଜମି ମାଲିକଙ୍କ ଦ୍ୱାରା ମାନକ ଭଡ଼ା ସ୍ଥିର କରିବା ପାଇଁ ଆବେଦନ କରାଯାଏ ତାହା ସେହି ତାରିଖ ନୁହେଁ I ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହିତ ସହମତ ଯେ ବିବାଦୀୟ ଜମିକୁ ଅଧିନିୟମର ଭାଗ IIର ଆବେଦନକୁ ଆମନ୍ତ୍ରଣ କରୁଥିବା "ପରିସର" ଭାବରେ ବିବେଚନା କରାଯାଇପାରିବ ନାହିଁ I ତେଣୁ ଅଧିନିୟମ 11 ଅନୁଯାୟୀ ମାନକ ଭଡ଼ା ନିର୍ଦ୍ଧାରଣ ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ବଜାୟ ରଖାଯାଇ ପାରିବ ନାହିଁ I

ଆବେଦନ ବିଫଳ ହୁଏ ଏବଂ ଖର୍ଚ୍ଚ ସହିତ ଖାରଜ କରାଯାଏ I

*ଆବେଦନକୁ ଖାରଜ କରାଗଲା* I

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।